# ବେସରକାରୀ ସମାଜସେବୀ ସଂଗଠନ ପରିଚାଳନା

ବେସରକାରୀ ସମାଜସେବୀ ସଂଗଠନ ସମୂହ NGO ବର୍ତ୍ତମାନ ସାମାଜିକ ପ୍ରଗତି ପଥରେ ଏକ ବିଶେଷ ସହାୟକ ଭୂମିକା ନିର୍ବାହ କରୁଛନ୍ତି । ଭାରତର ଯୋଜନା କମିଶନ, ୨୦୦୬ ପ୍ଲାନିଂ କମିଶନ (Planning Commission) ଗଣନା ଅନୁଯାୟୀ ୧୨୨୬୫ ବେସରକାରୀ ସମାଜସେବୀ ସଂଗଠନ ସଂପ୍ରତି କାର୍ଯ୍ୟରତ। ଏମାନଙ୍କ ମଧ୍ୟରୁ ଶତକଡା ୯୧ ଭାଗ ସମାଜିକ, ଶତକଡା ୫୩ ଭାଗ ଗ୍ରାମବିକାଶ, ଶତକଡା୧୭ ଭାଗ ମାନବ ସମ୍ବଳ, ଶତକଡା ୧୦ଭାଗ ସମାଜିକ ନ୍ୟାୟ ପ୍ରତିଷ୍ଠା, ଶତକଡା ୬ଭାଗ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଶତକଡା ୫ଭାଗ ଯୁବ କଲ୍ୟାଣ ଏବଂ କ୍ରିଡା କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ।

ଭୌଗଳିକ ଦୃଷ୍ଟିକୋଣରୁ ବିଚାରକଲେ ଶତକଡା ୨୫% ଦକ୍ଷିଣ ଭାରତରେ, ୩୬% ଉତ୍ତର ଭାରତରେ, ୩୦% ମଧ୍ୟ ଭାରତରେ ୭% ଉତ୍ତର ପୂର୍ବ ତଥା ପୂର୍ବ ଭାଗରେ କାର୍ଯ୍ୟରତ । ଆର୍ନ୍ତଜାତୀୟ ସ୍ତରରେ ବେସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ହାତକୁ ହାତ କାନ୍ଧକୁ କାନ୍ଧ ମିଳାଇ କାର୍ଯ୍ୟକରିବା ଆବଶ୍ୟକ । ଏହି ମର୍ମରେ ଡିଡିସିଇ, ଉତ୍କଳବିଶ୍ୱବିଦ୍ୟାଳୟ ୟୁନାଇଡ୍‌ସ (UNAIDS) ର ସହାୟତାରେ ଏନ୍‌ଜିଓ (NGO) କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତି ବିଶେଷଙ୍କ କାର୍ଯ୍ୟ ଦକ୍ଷତା ବୃଦ୍ଧି ନିମନ୍ତେ ବିଭିନ୍ନ ପରି ଚାଳନା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ପ୍ରସ୍ତୁତ କରୁଛି ।

ତୃଣମୂଳ ସ୍ତରରେ ନିୟୋଜିତ ଥିବା ଶତାଧିକ ଅଧିକାରୀଙ୍କୁ ଏନ୍‌ଜିଓ (NGO) ମ୍ୟାନେଜମେଣ୍ଟର ଏକ ଛଅ ମାସିଆ ସାର୍ଟିଫିକେଟ୍ ପାଠ୍ୟକ୍ରମ ଏବଂ ଏକବର୍ଷିଆ ଡିପ୍ଲୋମା କୋର୍ସ ଓଡ଼ିଆ ମାଧ୍ୟମରେ ପ୍ରଦାନ କରାଯାଉଛି।

ଉପରୋକ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଲା ଦୈନନ୍ଦିନ ଜୀବନରେ ଆବଶ୍ୟକୀୟ ପରିଚାଳନା ବିଜ୍ଞାନ ସମ୍ବନ୍ଧରେ ଜ୍ଞାନ ପ୍ରଦାନ, ତୃଣମୂଳ ସ୍ତରରେ କାର୍ଯ୍ୟରତ ବ୍ୟକ୍ତି ମାନଙ୍କର ଦକ୍ଷତା ବୃଦ୍ଧି ତଥା ମାନବ ସମ୍ବଳ ବିକାଶ ।

**ଯୋଗ୍ୟତା :**

ଉକ୍ତ ପାଠ୍ୟକ୍ରମ ପାଇଁ ମାଧ୍ୟମିକ (Secondary) ପରୀକ୍ଷା ଅବା ତତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । (କେବଳ କେନ୍ଦ୍ର ଅବା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଆବଶ୍ୟକ) କେବଳ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଥିଲେ ଏକ ସ୍ଥାନ ମିଳିବ ନାହିଁ । ଆବେଦକଙ୍କୁ ଚୟନ ପ୍ରକ୍ରିୟାରେ ଭାଗ ନେବାକୁ ହେବ ।

**Selection mode ( ଚୟନ ପ୍ରକ୍ରିୟା) :**

ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥୀମାନଙ୍କୁ ଏକ ପ୍ରବେଶିକା ପରୀକ୍ଷା ମାଧ୍ୟମରେ ଚୟନ କରାଯିବ । ଆବଶ୍ୟକ ହେଲେ, ମିଳିତ/ଦଳଗତ ଆଲୋଚନା ତଥା ବ୍ୟକ୍ତିଗତ ସାକ୍ଷାତକାରରେ ଭାଗ ନେବାକୁ ହେବ ।

**ପ୍ରବେଶିକା ପରୀକ୍ଷା :**

- ପ୍ରବେଶିକା ପରୀକ୍ଷା ଦୁଇ ଘଣ୍ଟା ସମୟ ମଧ୍ୟରେ ସମ୍ପୂର୍ଣ୍ଣ ହେବ
- ପରୀକ୍ଷାର୍ଥୀମାନଙ୍କୁ ପ୍ରଶ୍ନର ଏକାଧିକ ସାମ୍ଭାବ୍ୟ ଉତ୍ତର ମଧ୍ୟରୁ ଗୋଟିଏ ବାଛି ଲେଖିବାକୁ ହେବ ।
- ପ୍ରବେଶିକା ପରୀକ୍ଷାରେ ସାଧରଣ ଜ୍ଞାନ, ସାମାଜିକ ଜ୍ଞାନ ଓଡିଆ ଭାଷା ସମ୍ବନ୍ଧୀୟ ଜ୍ଞାନର ପରୀକ୍ଷା କରାଯିବ ଏବଂ ଏକ ପରିଚ୍ଛେଦ ପଠନ କରି ତତ୍ ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ଦେବାକୁ ହେବ ।

# ପାଠ୍ୟ ଖସଡା

# ସାର୍ଟିଫିକେଟ୍ କୋର୍ସ : ବେସରକାରୀ ସମାଜସେବୀ ସଂଗଠନ ପରିଚାଳନା

# (ପ୍ରଥମ ରୁ ପଞ୍ଚମ ପତ୍ର)

**(Course code- July Admn.- 5010 / January Admn. - 5011)**

ପ୍ରଥମ ପତ୍ର : ବେସରକାରୀ ସମାଜସେବୀ ସଂଗଠନ

ଦ୍ୱିତୀୟ ପତ୍ର : ବେସରକାରୀ ସମାଜସେବୀ ସଂଗଠନର ପରିବେଶ ଓ ସଂପର୍କିତ ନୀତିନିୟମ ଓ ଆଇନ୍ ବ୍ୟବସ୍ଥା

ତୃତୀୟ ପତ୍ର : ବେସରକାରୀ ସମାଜସେବୀ ସଂଗଠନର ପରିଚାଳନା

ଚତୁର୍ଥ ପତ୍ର : ଓଡିଆ ଭାଷାରେ ସହଜ ଯୋଗାଯୋଗ ପ୍ରକ୍ରିୟା

ପଞ୍ଚମ ପତ୍ର : ଏକ ବେସରକାରୀ ସମାଜସେବୀ ସଂଗଠନ ବିଷୟରେ ଅନୁଧ୍ୟାନ ଓ ବିଶ୍ଲେଷଣାତ୍ମକ ରିପୋର୍ଟ

## ଡିପ୍ଲୋମା କୋର୍ସ: ପ୍ରଥମରୁ ଦଶମ ପତ୍ର (Course code- 5110)

ଷଷ୍ଠ ପତ୍ର : ସମାଜଶାସ୍ତ୍ରର ଭିତ୍ତିଭୂମି ଓ ବେସରକାରୀ ସଂଗଠନ

ସପ୍ତମ ପତ୍ର : ବିପର୍ଯ୍ୟୟ ପରିଚାଳନା

ଅଷ୍ଟମ ପତ୍ର : ପରିବେଶ ବିଜ୍ଞାନ

ନବମ ପତ୍ର : ପୁଷ୍ଟି, ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟରକ୍ଷା ପରିଚାଳନା

ଦଶମ ପତ୍ର : ଅନୁସନ୍ଧାନ ଏବଂ ସନ୍ଦର୍ଭ ।

# ଆବେଦନ ପତ୍ର/ପୂରଣ

ଆବେଦନ ପତ୍ର ଗୁଡିକ ସିଣ୍ଡିକେଟ୍ ବ୍ୟାଙ୍କ ଡିଡିସିଇ ଶାଖା, ବାଣୀବିହାର ଶାଖା, ତଥା କେତକ ନିର୍ଦ୍ଦିଷ୍ଟ ଶାଖାରେ ଉପଲବ୍ଧ ଅଟେ ।

- କର ବ୍ୟତିରେକ ଆବେଦନ ପତ୍ରର ମୂଲ୍ୟ -୫୦୦/-ଟଙ୍କା (ପ୍ରବେଶିକା ପରୀକ୍ଷା ଦେୟ ସହିତ)
- ଇଣ୍ଟରନେଟ୍ ମାଧ୍ୟମରେ ମଧ୍ୟ ଆବେଦନ ପତ୍ର ଦାଖଲ କରି ପାରିବେ, ଠିକଣା : www.ddceutkal.org
- ଆବେଦନ ପତ୍ର ଗ୍ରହଣର ଶେଷ ତାରିଖ : ୦୫.୦୭.୨୦୧୧
- ପ୍ରବେଶିକା ପରୀକ୍ଷା ତାରିଖ : ୧୦.୦୭.୨୦୧୧
- ସମୟ ଦିବା : ଅପରାହ୍ନ ୨ ଘଟିକା
- ଆବେଦକ ମାନେ ବ୍ୟକ୍ତିଗତ ଭାବେ ପ୍ରବେଶିକା ପରିଚୟ ପତ୍ର ଡିଡିସିଇ ଅଫିସରେ ଆବେଦନ କରିବା ସମୟରେ ଗ୍ରହଣ କରି ପାରିବେ।
- ଅନ୍-ଲାଇନ୍‌ରେ ଦରଖାସ୍ତ ଦାଖଲ କରିଥିବା ପ୍ରାର୍ଥୀମାନେ, ପ୍ରବେଶିକା ପରୀକ୍ଷାରେ ପରିଚୟ Website : ddceutakl.org ମାଧ୍ୟମରେ ଡାଉନ୍ ଲୋଡ କରି ପାରିବେ।
- ଡାକମାଧ୍ୟମରେ ଆବେଦନ କରିଥିବା ପ୍ରାର୍ଥୀମାନେ ମଧ୍ୟ website ମାଧ୍ୟମର ପ୍ରବେଶିକା, ପରୀକ୍ଷା ପରିଚୟ ପତ୍ର ଡାଉନ୍‌ଲୋଡ କରି ପାରିବେ।

# ଦେୟ ବିବରଣୀ

| ସାର୍ଟିଫିକେଟ୍ କୋର୍ସ Course code July - 5010<br>Course code January - 5011 | ଡିପ୍ଲୋମା କୋର୍ସ Course code - 5110 |
|---|---|
| ଆବେଦନ ଫର୍ମର ମୂଲ୍ୟ – ଟ ୫୦୦/–ଙ୍କା<br>(କର ବ୍ୟତିରକେ)<br>ପାଠ୍ୟକ୍ରମ ଦେୟ – ଟ ୫୦୦୦/– ଙ୍କା<br>ପରୀକ୍ଷା ଦେୟ – ଟ ୧୪୦୦/– ଙ୍କା<br>ବ୍ୟକ୍ତିତ୍ୱ ବିକାଶ ପାଠ୍ୟ ଦେୟ – ଟ ୩୦୦୦/– ଙ୍କା<br>ଉନ୍ନୟନ ପାଣ୍ଠି – ଟ ୧୦୦୦/– ଙ୍କା | ଆବେଦନ ଫର୍ମର ମୂଲ୍ୟ – ଟ ୫୦୦/–ଙ୍କା<br>(କର ବ୍ୟତିରକେ)<br>ପାଠ୍ୟକ୍ରମ ଦେୟ – ଟ ୧୫,୦୦୦/– ଙ୍କା<br>ପରୀକ୍ଷା ଦେୟ – ଟ ୨୬୦୦/– ଙ୍କା<br>ବ୍ୟକ୍ତିତ୍ୱ ବିକାଶ ପାଠ୍ୟ ଦେୟ – ଟ ୩୦୦୦/– ଙ୍କା<br>ଉନ୍ନୟନ ପାଣ୍ଠି – ଟ ୧୦୦୦/– ଙ୍କା |

## ପିସିପି (ଶ୍ରେଣୀଗୃହରେ ଶିକ୍ଷାଦାନ)

| | |
|---|---|
| ସାର୍ଟିଫିକେଟ୍ କୋର୍ସ ତଥା ଡିପ୍ଲୋମା କୋର୍ସ ପ୍ରଥମ ସେମିଷ୍ଟାର | ୦୪.୧୧.୨୦୧୧ ରୁ ୧୩.୧୧.୨୦୧୧ |
| ଡିପ୍ଲୋମା କୋର୍ସର ଦ୍ୱିତୀୟ ସେମିଷ୍ଟାର ତଥା ଜାନୁୟାରୀ ୨୦୧୨ ସାର୍ଟିଫିକେଟ୍ କୋର୍ସ | ୦୧.୦୩.୨୦୧୨ ରୁ ୧୫.୦୩.୨୦୧୨ |
| ବ୍ୟକ୍ତିତ୍ୱ ବିକାଶ ପାଠ୍ୟକ୍ରମ (SSDC) ଡିପ୍ଲୋମା ଏବଂ ସାର୍ଟିଫିକେଟ୍ କୋର୍ସ | ୦୪.୧୨.୨୦୧୧ ରୁ ୧୩.୧୨.୨୦୧୧ |
| ୨୦୧୨ ଜାନୁୟାରୀ ସାର୍ଟିଫିକେଟ୍ କୋର୍ସ (SSDC) | ୦୨.୦୪.୨୦୧୨ ରୁ ୧୧.୦୪.୨୦୧୨ |

## ପରୀକ୍ଷା

| | |
|---|---|
| ବେସରକାରୀ ସମାଜସେବୀ ସଂଗଠନ ପରିଚାଳନା ଡିପ୍ଲୋମା ପ୍ରଥମ ସେମିଷ୍ଟାର ଏବଂ ସାର୍ଟିଫିକେଟ୍ କୋର୍ସ | ଜାନୁୟାରୀ ୨୦୧୨ |
| ବେସରକାରୀ ସମାଜସେବୀ ସଂଗଠନ ପରିଚାଳନା ଡିପ୍ଲୋମା ଦ୍ୱିତୀୟ ସେମିଷ୍ଟାର ଏବଂ ସାର୍ଟିଫିକେଟ୍ କୋର୍ସ ଜାନୁୟାରୀ ୨୦୧୨ ନାମ ଲେଖା | ଜୁନ୍ ୨୦୧୨ |